GOVERNMENT OF ODISHA
ODIA LANGUAGE, LITERATURE & CULTURE DEPARTMENT
*****

No. 8781 /OLLCD, Dated - 22.10.2021
(CG-1/2021)

From

Sri Ranjan Kumar Das, IAS,
Director & Additional Secretary to Govt.,
Odia Language, Literature & Culture Department.

To

The Director,
I & P. R. Department,
Odisha, Bhubaneswar.

Sub.:-Publication of Advertisement for sanction of financial assistance to the Cultural Organisations for the year 2021-22.

Sir,

In inviting a reference to the subject cited above, I am to enclose herewith the text of the advertisement for sanction of financial assistance to the Cultural Organizations for the year, 2021-22 is to be published on or before 26.10.2021 in three Odia leading dailies as per the prescribed approved rate of I & P. R. Department, Govt. of Odisha, Bhubaneswar.

You are therefore requested to kindly release the advertisement and send the bill in triplicate for pass and payment.

Yours faithfully,

Director & Addl. Secy. to Govt.

Memo No.- 8782 /OLLCD, Dated - 22.10.2021

Copy forwarded to the Private Secretary to Commissioner-cum-Secretary to Govt., Odia Language, Literature & Culture Department, Odisha, Bhubaneswar for kind information of Commissioner-cum-Secretary.

Deputy Director

Memo No.- 8783 /OLLCD, Dated - 22.10.2021

Copy forwarded to M/s Luminous Infoways, Jayadev Vihar, Bhubaneswar to upload the matters in the website of Odia Language, Literature & Culture Department, (www.orissaculture.gov.in) for information of general public

Deputy Director

ଓଡ଼ିଶା ସରକାର

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର

* * * * *

## ସାଂସ୍କୃତିକ ଅନୁଷ୍ଠାନ ମାନଙ୍କୁ ଆର୍ଥିକ ଅନୁଦାନ ନିମନ୍ତେ ଦରଖାସ୍ତ

ଛଉ ନୃତ୍ୟ, ନୃତ୍ୟ ଓ ସଂଗୀତ ବିଦ୍ୟାଳୟ, ସାଂସ୍କୃତିକ କାର୍ଯ୍ୟକ୍ରମ, ରଙ୍ଗମଞ୍ଚ ଓ ନାଟକର ଉନ୍ନତି ନିମନ୍ତେ ଅନୁଦାନ ପାଇବା ପାଇଁ ପୂର୍ବ ବର୍ଷ ମାନଙ୍କ ଭଳି ଚଳିତ ଆର୍ଥିକ ବର୍ଷ **୨୦୨୧-୨୨** ରେ ଆଗ୍ରହୀ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଏଥି ନିମନ୍ତେ ଦରଖାସ୍ତ କରୁଥିବା ଅନୁଷ୍ଠାନ ଗୁଡ଼ିକ ୧୮୬୦ ମସିହାର ସୋସାଇଟି ରେଜିଷ୍ଟ୍ରେସନ ନିୟମ ଅନୁଯାୟୀ ଅନ୍ତତଃ ତିନିବର୍ଷ ପୂର୍ବରୁ ପଞ୍ଜିକୃତ ହୋଇଥିବା ଆବଶ୍ୟକ । ଯେଉଁ ବିଭାଗରେ ଆର୍ଥିକ ସହାୟତା ଚାହୁଁଛନ୍ତି, ସେହି ବିଭାଗରେ ଅନୁଷ୍ଠାନ ଅନ୍ତତଃ ତିନିବର୍ଷ କାର୍ଯ୍ୟକରୁଥିବା କାର୍ଯ୍ୟ ବିବରଣୀ ଦେବେ । ଏହି କାର୍ଯ୍ୟ କରିବା ନିମନ୍ତେ ସଂପୃକ୍ତ ଅନୁଷ୍ଠାନର ସମ୍ବିଧାନରେ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ ଥିବା ଆବଶ୍ୟକ । ଯେଉଁ କାର୍ଯ୍ୟ ପାଇଁ ଅନୁଦାନ ମଗାଯିବ ଫର୍ମ ଉପରେ ବଡ଼ ଅକ୍ଷରରେ ତା'ର ନାମ ଲେଖାଯିବା ଆବଶ୍ୟକ ଯେପରିକି- **"ସାଂସ୍କୃତିକ ଅନୁଷ୍ଠାନ ମାନଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆର୍ଥିକ ସାହାଯ୍ୟ ନିମନ୍ତେ ଦରଖାସ୍ତ"** । ଦରଖାସ୍ତ ଗୁଡ଼ିକ ସଂପୃକ୍ତ ବିବରଣୀ ସହ ନିମ୍ନ ଠିକଣାରେ **ତା ୨୦-୧୧-୨୦୨୧** ରିଖ ସୁଦ୍ଧା ପହଞ୍ଚିବା ଆବଶ୍ୟକ । ବିଭାଗୀୟ ନିଷ୍ପତ୍ତି ଅନୁଯାୟୀ ଅନୁଦାନ ପାଇବା ପାଇଁ ଇଚ୍ଛୁକ ରେଜେଷ୍ଟ୍ରୀଭୁକ୍ତ ସାଂସ୍କୃତିକ ଅନୁଷ୍ଠାନମାନେ ଆବେଦନପତ୍ର ସହିତ ଟ.୧୦/- ଙ୍କାର ଅଣନ୍ୟାୟିକ କାଗଜରେ ଚୁକ୍ତିନାମା (Agreement in Non-Judicial Stamp Paper worth Rs.10/- only), ସାଧା କାଗଜରେ ଅଙ୍ଗୀକାରପତ୍ର (Undertaking in Plain Paper), ନିର୍ଦ୍ଦିଷ୍ଟ ଫର୍ମରେ ପୂର୍ବବର୍ଷ ଅନୁଦାନର ବିନିଯୋଗ ପ୍ରମାଣପତ୍ର (Utilization Certificate) ଦୁଇ କିତା ସହ ଅନୁଷ୍ଠାନର ବ୍ୟାଙ୍କ୍ ଖାତା ନଂ., IFS Code ଓ ବ୍ୟାଙ୍କର ନାମ ସହିତ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବା ଜରୁରୀ ଅଟେ । ଅସମ୍ପୂର୍ଣ୍ଣ ଫର୍ମ କିମ୍ବା ମଗାଯାଇଥିବା ଉପରୋକ୍ତ ଡକ୍ୟୁମେଣ୍ଟ ନ ଦେଇଥିଲେ ଆବେଦନ ବିଚାରକୁ ନିଆଯିବ ନାହିଁ ।

ରାଜ୍ୟ ସରକାରଙ୍କ ପ୍ରଣୀତ ଆଇନ୍ (Grant-in-Aid Rules-1973) (Amendment in 1986) ଅନୁଯାୟୀ ଅନୁଦାନ ପରିମାଣ, ମଞ୍ଜୁରୀ ଦେବା ନ ଦେବା, ଦରଖାସ୍ତ ଖାରଜ କରିବା ଆଦିର ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବରେ ସରକାରଙ୍କ କର୍ତ୍ତୃତ୍ୱାଧୀନ ଅଟେ । ଏ ସମ୍ପର୍କରେ କୌଣସି କୋର୍ଟ କଚେରୀର ଆଶ୍ରୟ ନିଆଯାଇ ପାରିବ ନାହିଁ । ଅଧିକ ସୂଚନା ପାଇଁ ତଥା ଆବଶ୍ୟକୀୟ ଦସ୍ତାବିଜର ନକଲ ପାଇବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ୱେବ୍‌ସାଇଟ୍ "www.odishaculture.gov.in" କୁ ବ୍ୟବହାର କରିପାରନ୍ତି ।

ରଞ୍ଜନ କୁମାର ଦାସ

ନିର୍ଦ୍ଦେଶକ, ୨୮/୧୦/୨୦୨୧

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ,

ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର,

ଭୁବନେଶ୍ୱର-୭୫୧୦୧୪ ।

# ସାଂସ୍କୃତିକ ଅନୁଷ୍ଠାନ ମାନଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ, ଛଉ ନୃତ୍ୟ, ନୃତ୍ୟ ଓ ସଂଗୀତ ବିଦ୍ୟାଳୟ, ରଙ୍ଗମଞ୍ଚ ଓ ନାଟକର ଉନ୍ନତି ପାଇଁ ଆର୍ଥିକ ସାହାଯ୍ୟ ନିମନ୍ତେ ଦରଖାସ୍ତ ଫର୍ମ ।

* * *

୧. (କ) ଅନୁଷ୍ଠାନର ନାମ, ସମ୍ପୂର୍ଣ୍ଣ ଠିକଣା ଓ ଯୋଗାଯୋଗ ଫୋନ୍ ନମ୍ବର :

(ଖ) ଅନୁଷ୍ଠାନର ବ୍ୟାଙ୍କ୍ ବିବରଣୀ (ବ୍ରାଞ୍ଚ ନାମ, ଖାତା ନମ୍ବର ଓ IFS Code)

(ଗ) ଅନୁଷ୍ଠାନର ଦୈନିକ କାର୍ଯ୍ୟନିର୍ଘଣ୍ଟ :

୨. କେଉଁ ବର୍ଷ ପ୍ରତିଷ୍ଠିତ ହୋଇଛି :

୩. ଅନୁଷ୍ଠାନର ରେଜେଷ୍ଟ୍ରିଭୁକ୍ତ ହୋଇଥିଲେ ସେହି ଦଲିଲ୍‌ର ସହି ମୋହର ନକଲ ସାମିଲ କରିବାକୁ ହେବ । ଏଥି ସହିତ ସଭ୍ୟମାନଙ୍କର ତାଲିକା ଦିଆଯିବା ଆବଶ୍ୟକ :

୪. ଗତ ତିନି ବର୍ଷ ମଧ୍ୟରେ ମିଳିଥିବା ସାହାଯ୍ୟର ବିବରଣୀ (ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରୁ) :

୫. ପୂର୍ବ ବର୍ଷ ମାନଙ୍କରେ ମିଳିଥିବା ଆର୍ଥିକ ସାହାଯ୍ୟର ହିସାବ ସମୀକ୍ଷା (ଅଡ଼ିଟ୍ ହୋଇଛି କି ନାହିଁ) :

୬. ବର୍ତ୍ତମାନ ଯେଉଁ କାର୍ଯ୍ୟପାଇଁ ଆର୍ଥିକ ସାହାଯ୍ୟ ମଗାଯାଉଛି, ତାହାର ବିବରଣୀ :

୭. ଉକ୍ତ କାର୍ଯ୍ୟପାଇଁ ଦରକାର ହେଉଥିବା ମୋଟ ଖର୍ଚ୍ଚର ଅଟକଳ :

୮. ଅନୁଷ୍ଠାନର ଥିବା ସ୍ଥାବର ଅସ୍ଥାବର ସମ୍ପତ୍ତିର ତାଲିକା ଓ ତାହାର ତତ୍ତ୍ୱାବଧାନକାରୀଙ୍କ ଠିକଣା ଦେବା ଆବଶ୍ୟକ :

୯. ମୋଟ ଅଟକଳ ଖର୍ଚ୍ଚର ସରକାରଙ୍କ ଠାରୁ ଚାହୁଁଥିବା ସାହାଯ୍ୟର ପରିମାଣ ଓ ସଂଘ ପାଣ୍ଠି ବିନିଯୋଗ କରିବା ଅର୍ଥର ପରିମାଣ :

୧୦. ମୋଟ୍ ଖର୍ଚ୍ଚର ଶତକଡ଼ା ୫୦ ଭାଗ ସଂଘ ପାଣ୍ଠିରୁ ମିଳିପାରିବ କି ନାହିଁ, ଯଦି ନୁହେଁ ତେବେ କାହିଁକି ? :

୧୧. ଚଳିତ ବର୍ଷର ଆର୍ଥିକ ସାହାଯ୍ୟ ପାଇଁ ଅନ୍ୟ କୌଣସି ବିଭାଗକୁ ଆବେଦନ କରିଥିଲେ ବା ସାହାଯ୍ୟ ପ୍ରାପ୍ତ ହୋଇଥିଲେ ତାହାର ବିବରଣୀ :

୧୨. ଦରଖାସ୍ତ ସହିତ ସାମିଲ କରିବା ଦଲିଲ୍‌ର ବିବରଣୀ :

(କ) ଗତ ତିନି ବର୍ଷର ଆୟବ୍ୟୟ ହିସାବ ।

(ଖ) ବର୍ତ୍ତମାନ ସୁଦ୍ଧା ହସ୍ତଗତ ହୋଇଥିବା ଯାଞ୍ଚ ହିସାବର ଅବିକଳ ନକଲ ।

(ଗ) ଗତ ବର୍ଷରେ ସଂଘ ତରଫରୁ ଅନୁଷ୍ଠିତ ହୋଇଥିବା କେବଳ ସାଂସ୍କୃତିକ କାର୍ଯ୍ୟକ୍ରମର ବିବରଣୀ ।

(ଘ) ଅନୁସୃତ ସମ୍ବିଧାନର ଏକକିତା ନକଲ ।

(ଙ) ଅନୁଷ୍ଠାନର ଗତ ସାଧାରଣ ସଭାରେ ଗୃହୀତ ହୋଇଥିବା ବ୍ୟବସ୍ଥାର ବିବରଣୀ ।

(ଚ) ଚଳିତ ବର୍ଷ ପାଇଁ ପ୍ରସ୍ତୁତ ହୋଇଥିବା ଆୟ ବ୍ୟୟ ଅଟକଳର ନକଲ ।

(ଛ) ଅନୁଷ୍ଠାନର ଯେଉଁ କର୍ମକର୍ତ୍ତାଙ୍କ ସପକ୍ଷରେ ଆର୍ଥିକ ସାହାଯ୍ୟ ମଞ୍ଜୁର କରାଯିବ ତାଙ୍କ ସ୍ୱାକ୍ଷରର ସହି ମୋହର ନକଲ ।

(ଜ) ସୂଚନା ଅଧିକାର ଆଇନ୍ ୨୦୦୫ ଅନୁଯାୟୀ ସଂପୃକ୍ତ ସଂସ୍ଥାର ସୂଚନା ଅଧିକାରୀ, ସହସୂଚନା ଅଧିକାରୀ ଏବଂ ଅପିଲ୍ ଅଧିକାରୀଙ୍କ ନାମ ତାଲିକା ପ୍ରଦାନ ।

(ଝ) ଛଉନୃତ୍ୟ ଏବଂ ନୃତ୍ୟ ସଂଗୀତ ବିଦ୍ୟାଳୟ ଅନୁଷ୍ଠାନ ପାଇଁ ଆବେଦନ କରୁଥିବା ଅନୁଷ୍ଠାନ ମାନେ ନୃତ୍ୟଗୁରୁଙ୍କ ନାମ ଓ ଠିକଣା, ବୟସ, ମାସିକ ପାରିଶ୍ରମିକ ଇତ୍ୟାଦିର ବିବରଣୀ ।

(ଞ) ନୃତ୍ୟ ସଂଗୀତ, ଛଉନୃତ୍ୟର କେଉଁ କେଉଁ ବିଭାଗରେ ଶିକ୍ଷା ଦିଆଯାଉଛି, ଛାତ୍ର ଛାତ୍ରୀଙ୍କ ସଂଖ୍ୟା ଏବଂ ଗୁରୁଙ୍କର ନାମ, ଠିକଣା । ପୂର୍ବ ବର୍ଷରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀଙ୍କ ବିବରଣୀ, ସହବନ୍ଧନ ହୋଇଥିବା ସଂସ୍ଥାର ଠିକଣା ।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ, ଅନୁଷ୍ଠାନମାନେ ଯେଉଁ କାର୍ଯ୍ୟକ୍ରମ ପାଇଁ ଆବେଦନ କରୁଛନ୍ତି ସେ ବିଷୟରେ ଦରଖାସ୍ତ ଉପରେ ନିର୍ଦ୍ଦିଷ୍ଟଭାବେ ଲେଖିବା ଆବଶ୍ୟକ । ଯଥା: - ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଆର୍ଥିକ ସାହାଯ୍ୟ, ଛଉନୃତ୍ୟର ଉନ୍ନତି ନିମନ୍ତେ, ନୃତ୍ୟ ସଙ୍ଗୀତ ବିଦ୍ୟାଳୟର ଉନ୍ନତି ନିମନ୍ତେ, ରଙ୍ଗମଞ୍ଚ ଓ ନାଟକର ଉନ୍ନତି ନିମନ୍ତେ ।

ଦରଖାସ୍ତକାରୀଙ୍କ ସ୍ୱାକ୍ଷର